# Akashvani, Sambalpur

## SAMBALPURI NEWS BULLETIN

### 03 October 2025 – 6.47- 6.52 am.

**********************************************

ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ୍        ଏନ୍‌ଏସ୍‌ଡି

କେନ୍ଦ୍ର ସରକାର୍‌ଙ୍କର୍ ତରଫୁ ଗାନ୍ଧୀ ଜୟନ୍ତୀ ଅବ୍‌ସରେ ଗଲାକାଏଲ୍ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ୍ ମୁଲ୍ ହେଇଛେ । ଅକ୍ଟୋବର୍ ୩୧ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଅଭିଯାନ୍‌ଥି ଭିନ୍ ଭିନ୍ ମନ୍ତ୍ରଣାଳୟ ତରଫୁ ପ୍ରଶାସନିକ୍ ସଂସ୍କାର୍, ଦକ୍ଷତା ବୃଦ୍ଧି, ନାଗରିକ୍ କୈନ୍ଦ୍ରିକ ଶାସନ୍ ବ୍ୟବସ୍ଥା, ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଅଫିସ୍ ମାନ୍‌କେ ଇଲେକ୍ଟ୍ରୋନିକ୍ସ କର୍‌ରାର୍ ସୁପରିଚାଳନା ବାଗିର୍ ପଦକ୍ଷେପ୍ ନିଆଯିବା । ଇ ସମିଆଥି କୃଷି ମନ୍ତ୍ରଣାଳୟ ତରଫୁ ୭ ଶହ ୫୩ ଟା ପ୍ରସ୍ତାବ୍‌ର ଅନୁମୋଦନ୍ ଆଉ ଲାଖେ ୭୦ ହଜାର୍ ପଡ଼ିରହିଥିବା ଅଭିଯୋଗ୍‌ର ସମାଧାନ୍ ଲକ୍ଷ୍ୟ ରଖାଯାଇଛେ । ସେନ୍ତା ଖାଦ୍ୟ ଆଉ ଯୋଗାଣ ବିଭାଗ୍ ତରଫୁ ୯ ଶହ ୭୩ ଟା ଅଭିଯୋଗ୍ ୭ ଟା ରାଜ୍ୟ ଆଉ ୧୧ ଝନ୍ ସାଂସଦ୍‌ଙ୍କର୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯିବା । ସ୍ୱାସ୍ଥ୍ୟ ଆଉ ପରିବାର୍ ମନ୍ତ୍ରଣାଳୟ ତରଫୁ ୪ ଶହ ୫୪ ଟା ପ୍ରସ୍ତାବ୍ ଆଉ ୧୫

ହଜାର୍‌ନୁ ଅଏତ୍‌କା ଫାଇଲ୍‌ର ଅନୁମୋଦନ୍ କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ଦୁର୍ଗାପୂଜା- ଦଶ୍‌ମୀ ସମ୍ବଲପୁର ସମ୍ବାଦଦାତା

ରାଜ୍ୟର୍ ପୂଜା ମଣ୍ଡପ୍ ମାନ୍‌କେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କର୍ ଦଶ୍‌ରା ପୂଜା ଗଲାକାଏଲ୍ ଶେଷ୍ ହେଇଥିବାର୍ ବେଲେ ଆଏଜ୍ ମୃଣ୍ମୟୀ ମୂର୍ତିମାନ୍‌କର୍ ବିସର୍ଜନ୍ କରାଯିବା । ଇଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ବ୍ୟାପକ ବ୍ୟବସ୍ଥା କରାଯାଇଛେ । ଦଶ୍‌ରା ମାସର୍ ପୁଓଜିଉଁତିଆ ଦିନୁ ଦେବୀପୀଠ ମାନ୍‌କେ ପୂଜା ମୁଲ୍ ହେଇଥିବାର୍ ବେଲେ ଷୋଡ଼ଶ ଉପଚାର୍‌ଥି ମା'ଙ୍କର୍ ପୂଚାର୍ଚ୍ଚନା କରାଯାଇଥିଲା ।

ସେଆଡ଼େ ଗଲାକାଏଲ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ମାନ୍‌କେ ରାବଣପୁଡ଼ି ହେଇଯାଇଛେ । ସମ୍ବଲ୍‌ପୁର୍ ମହାନଦୀର୍ ଦଲେଇପଡ଼ା ଘାଟ୍, ଅଇଁଠାପାଲି ପିଏଚ୍‌ଡ଼ି ପଡ଼ିଆ ଆଉ ରେମେଡ୍ ଠାନେ ହେଇଥିବା ରାବଣ୍‌ପୁଡ଼ି ଉତ୍ସବ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ରାଜସ୍ୱମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଭିଲ୍ ଉପସ୍ଥିତ୍ ଥିଲେ ।

କାର୍ତ୍ତିକ ନୀତି -ପୁରୀ ଶ୍ରୀମନ୍ଦିର୍        ପୁରୀ ସମ୍ବାଦଦାତା

ଦଶ୍‌ରା ମାସର୍ ଉଜଲ୍ ପଖର୍ ଏକାଦଶୀ ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ କାର୍ତ୍ତିକ ନୀତି ମୁଲ୍ ହେଉଛେ । ଇ ଅବ୍‌ସରେ ଶ୍ରୀବିଗ୍ରହମାନ୍‌କର୍ ରାଧାଦାମୋଦର ବେଶ ସାଙ୍ଗେ ବାଲଭୋଗ ନୀତି ହେବା । ମାହାପୁରୁମାନ୍‌କର୍ ରାଧାଦାମୋଦର ବେଶ ମାସେତକ୍ ଫିଂ' ଦିନ    ହେବା । ହେଲେ କାର୍ତ୍ତିକ୍ ନୀତିର୍ ପଂଚ୍‌କ ସମିଆଥି ମାହାପୁରୁମାନ୍‌କର୍ ସ୍ୱତନ୍ତ୍ର ବେଶ ହେବା । କାର୍ତ୍ତିକ୍ ନୀତି ଅବ୍‌ସରେ ଫିଂ' ଦିନ ପହପହ ୪ ବଜୁ ଦ୍ୱାରଫିଟା ନୀତି ହେଇକରି ରାତି ୧୨ ବଜେ ରାତ୍ରପହୁଡ଼ ନୀତି କରାଯିବା ।

ଗଜପତି ଜିଲ୍ଲା ବର୍ଷା      ସିଏମ୍‌ଓ

ଲଘୁଚାପ୍ ପ୍ରଭାବ୍‌ଥି ଗଜପତି ଜିଲ୍ଲା ନ ହେଇଥିବା କ୍ଷୟକ୍ଷତି  ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ସମୀକ୍ଷା କରିଛନ୍ । ଜିଲ୍ଲାର୍ କ୍ଷତିଗ୍ରସ୍ତ ଲୁକ୍‌କୁ ତୁର୍‌ତି ସହାୟତା ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ରିଲିଫ୍ କମିଶନର୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ପରିସ୍ଥିତି ଉପ୍‌ରେ ନଜର୍ ରଖ୍‌ବାର୍ ସଙ୍ଗେ ଆବଶ୍ୟକ୍ ପଦକ୍ଷେପ୍ ନେବାର୍ ଲାଗି ଖଣି ଆଉ ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନାଙ୍କୁ ଗଜପତି ଜିଲ୍ଲାକେ

ପଠେଇଛନ୍ । ଇତାର୍ ସହେତେ ଗଜପତି ଜିଲ୍ଲାପାଲଙ୍କର୍ ସଙ୍ଗେ କଥା ହେଇକରି ଥିତି ବାବ୍‌ଦେ ବୁଝିଛନ୍ । ସୂଚ୍‌ନା ଅନ୍‌ସାରେ ଗଜ୍‌ପତି ଜିଲ୍ଲା ନ ଜବର୍ ବର୍ଷା ଲାଗି ଭିନ୍ ଭିନ୍ ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍ ସହେତେ ବହୁତ୍ ଜାଗା ନ ପାହାଡ଼୍ ଧସ୍‌କି ଥିବାର୍ ଜନାପଡ଼ିଛେ ।

ଟ୍ରେନ୍ ଚଲାଚଲ୍ ବାଧା-ବର୍ଷା        କୋରାପୁଟ୍ ସମ୍ବାଦଦାତା

ଝଁକେର୍ ବର୍ଷା ଆଉ ଭିନ୍ ଭିନ୍ ଜାଗା ନ ପାହାଡ଼୍ ଧସ୍‌କିବାର୍‌ନୁ ୱାଲ୍‌ଟିଆର୍ ଡିଭିଜନ୍‌ର କୋଟା ଭାଲ୍‌ସା - କିରଣ୍ଡୁଲ୍ ଆଉ କୋରାପୁଟ୍-ରାୟଗଡ଼ା ରେଲପଥ ନ ଟ୍ରେନ୍ ଚଲାଚଲ୍ ବାଧା ହେଇଛେ । ଇଥିର୍‌ଲାଗି ବହୁତ୍‌ଟେ ଟ୍ରେନ୍ ଚଲାଚଲ୍ ବନ୍ଦ୍ ରହିଛେ । ଯାତ୍ରୀମାନ୍‌କୁ ସତର୍କ ରହେବାର୍ ସହେତେ ଯାତ୍ରା ଆଘୋନୁ ଟ୍ରେନ୍‌ର ଥିତି ବାବ୍‌ଦେ ତଥ୍ୟ ନେବାର୍‌କେ ରେଲ୍‌ବାଇ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ଜିଏସ୍‌ଟି -ବିକ୍ରି ବୃଦ୍ଧି       ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ଲାଗି ଦଶ୍‌ରା ଅବ୍‌ସରେ ଖାଉଟି ବଜାର୍ ନ ଉସ୍‌ନାକି ଦେଖାଯିବାର୍ ସହେତେ ଘିନାବିକା ଜବର୍ ବଢ଼ିଛେ । ଭିନ୍ ଭିନ୍ କମ୍ପାନୀର ନବରାତ୍ରୀ ବେଲର୍ ବିକ୍ରି ତଥ୍ୟ

ଅନ୍‌ସାରେ ସେପ୍ଟେମ୍ବର୍ ମାସର୍ ଶେଷ୍ ହପ୍ତା ନ ଦେଶେ କାର୍ ବିକ୍ରି ଶହେ ୩୩ ପ୍ରତିଶତ୍ ବଢ଼ିଛେ । ସାବୁନ୍, ଟୁଥ୍‌ପେଷ୍ଟ, ବିସ୍କୁଟ୍ ବାଗିର୍ ଫି' ଦିନିଆ ବେଭାର୍ ହେଉଥିବା ଜିନିଷ୍‌ର ବିକ୍ରି ଭିଲ୍ ୨୦ ପ୍ରତିଶତ୍ ବଢ଼ିଛେ । ଇଲେକ୍ଟ୍ରୋନିକ୍ସ ଦରବ୍ ୫୦ ନୁ ଶହେ ପ୍ରତିଶତ୍ ବଢ଼ିଥିଲା ବେଲ୍‌କେ ୨ ଚକିଆ ଗାଡ଼ି ୩୦ ନୁ ୪୦ ପ୍ରତିଶତ୍ ବଢ଼ିଥିଲା ସେନ୍ତା ଏଫ୍‌ଏମ୍‌ସିଜି ୧୫ ନୁ ୨୦ ପ୍ରତିଶତ୍ ବଢ଼ିଛେ ବଲି ରିପୋର୍ଟ ନୁ ଜନାପଡ଼ିଛେ ।

କଲାହାଣ୍ଡି -ଲାଖ୍‌ମରା ଯାତ୍ରା       କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କର୍ ଲାଖ୍‌ମରା ଯାତ୍ରା ଗଲାକାଏଲ୍ ବିଜୟା ଦଶ୍‌ମୀ ଅବ୍‌ସରେ ହେଇଯାଇଛେ । ମଏଧାନର୍ ସାଢ଼େ ୩ ବଜେ ଦେବୀଙ୍କର୍ ବିଜୟ ପ୍ରତିମା ଛତର୍‌କେ ଫେର୍‌ଘାଏ ମାଣିକେଶ୍ୱରୀ ମନ୍ଦିର୍‌ନୁ ବାହାର୍ କରାଯାଇକରି ନକ୍‌ଟିଗୁଡ଼ା ଲାଖମରା ପଡ଼ିଆକେ ନିଆଯାଇଥିଲା । ସେନ ଥିବା ମା'ଙ୍କର୍ ମନ୍ଦିର୍ ପାଖେ ଥିବା ଅସ୍ଥାୟୀ ମଣ୍ଡପ୍ ନ ଛତର୍ ଥାପ୍‌ନା କରାଯାଇକରି ପୂଜା କରାଯାଇଥିଲା । ତାର୍ ଉତ୍‌ରୁ ରାଜା ଅନନ୍ତ ପ୍ରତାପ୍ ଦେଓ ଆଉ ଅର୍କକେଶରୀ ଦେଓ ପୂଜା କଲା ଉତ୍‌ରୁ ଲାଖବିନ୍ଧା ପର୍ବ ହେଇଥିଲା ।

ସେବା ପକ୍ଷ ଉଦ୍‌ଯାପିତ୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍ଫୁ ଗଲାକାଏଲ୍ ସେବା ପକ୍ଷ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ସହେତେ ସମ୍ବର୍ଦ୍ଧନା ଉତ୍ସବ୍ ଭିଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଯୋଗ୍ ଦେଇକରି ପରିବେଶ୍ ସଫା ରଖିବାର୍‌ଟା ସମ୍‌କର୍ ନୈତିକ କର୍ତବ୍ୟ ବଲି କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ନ ହେଇଥିବା ଘୂର୍ଣ୍ଣିବଲୟ ଗଲାକାଏଲ୍ ଗଭୀର ଅବପାତ ରୂପ୍ ନେଇଛେ । ଇଟା ଉତର୍- ଉତର୍ ପଶ୍ଚିମ ଦିଗ୍‌କେ ଯାଉଛେ । ଗଲାରାତି ଇଟା ପାରାଦୀପ୍ ଆର୍ ଗୋପାଲ୍‌ପୁର୍ ହେଇକରି ପାର୍ କରିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗାନ ବର୍ଷା ଲାଗିରହିଛେ । ଖାସ୍ କରି ଦକ୍ଷିଣ ଓଡ଼ିଶା ନ ଜବର୍ ବର୍ଷା ହଉଛେ । ଆଏଜ୍ ବର୍ଷା ସାମାଏନ୍ କମ୍‌ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୯ ଟା ଗେଟ୍ ଦେଇକରି ଜଲ୍‌ଭଣ୍ଡାର୍‌ନୁ ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍‌ମିକ୍ ୭/ ୯ ଫୁଟ୍ ରହିଛେ ।